SAMBAD
ସମ୍ବାଦ
Largest circulated odia daily






କାମଚଳା ବଜେଟ୍‌ରେ ଋଣ ବୋଝ ଚିନ୍ତା; ଇଣ୍ଡିଜ ପୁଣି ପରାସ୍ତ, ନ୍ୟୁଜିଲାଣ୍ଡ ବିଜୟୀ; ଓବିସି କୋଟା ଉପରେ ସୁପ୍ରିମକୋର୍ଟ ରହିତାଦେଶ; ଦୁର୍ନୀତି ଓ ଅବହେଳା ∈

ତାରିଖ : ୩୦/୩/୨୦୦୭

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

Bhubaneswar Balasore Katak Brahmapur Jeypore Sambalpur Anugul Rourkela

Yellow pages | Orissa info | Ayurveda | Glamour Orissa | Public news reporting
Real-estate | Bidese odia | Vastu & Horoscope | Matrimonials | Calendar
Exam result | Art & craft | Eminent Personality | Jobs | News Archive

ମୁଖ୍ୟ ପୃଷ୍ଠା
ମୁଖ୍ୟ ଖବର
ଅନ୍ୟାନ୍ୟ ଖବର
କ୍ରୀଡ଼ା ଖବର
ଜାତୀୟ ଖବର
ଅନ୍ତର୍ଜାତୀୟ ଖବର
ମହାନଗର ଖବର
ରବିବାର ସମ୍ବାଦ
ବିଜ୍ଞାପନ
ସଂପାଦକୀୟ
ସାକ୍ଷାତକାର
ଆମ ସଂପର୍କରେ
କଟାକ୍ଷ
ସଂସ୍କରଣ ଅଭିଲେଖ









ବିଧାନସଭାରେ ଆଇଆଇଟି ଉଦ୍‌ବେଗ---

## ବିଧାନସଭାରେ ଆଇଆଇଟି ଉଦ୍‌ବେଗ

ଭୁବନେଶ୍ୱର (ଇମିସ): ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା ସଂପର୍କରେ କେନ୍ଦ୍ର ସରକାରଙ୍କ ମତ ପରିବର୍ତ୍ତନକୁ ନେଇ ଆଜି ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା । କେନ୍ଦ୍ର ସରକାରଙ୍କ ଓଡ଼ିଶା ବିରୋଧୀ ମନୋଭାବକୁ ଦୁର୍ଭାଗ୍ୟଜନକ ଆଖ୍ୟା ଦେଇ ଶିଳ୍ପମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ କଂଗ୍ରେସ ସଭ୍ୟମାନଙ୍କ ଆଚରଣକୁ ସମାଲୋଚନା କରିଥିଲେ । ରାଜ୍ୟର ହୀତ କଥା ଚିନ୍ତା ନ କରି କଂଗ୍ରେସ ଦଳ କେନ୍ଦ୍ରର ଉପା ସରକାର ସମର୍ଥନରେ ଯୁକ୍ତି କରିବା ଆହୁରି ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ । ଅର୍ଥନୈତିକ ବାସନ୍ଦ ବ୍ୟବସ୍ଥା ଆପଣାଇ କେନ୍ଦ୍ର ଉପରେ ଏ ନେଇ ଚାପ ପକାଇବାକୁ ଶାସକ ପକ୍ଷର ସଭ୍ୟମାନେ ଦାବି କରିଥିଲେ ।

ଏ ସଂପର୍କରେ ଆଗତ ହୋଇଥିବା ଏକ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଉପରେ ନିଜର ବକ୍ତବ୍ୟ ରଖିସ ଶିଳ୍ପ ମନ୍ତ୍ରୀ କହିଥିଲେ ଯେ ୨୦୦୬ ଅଗଷ୍ଟ ମାସରେ କେନ୍ଦ୍ର ମନ୍ତ୍ରୀ ଏମ୍.ଏମ୍.ଫାତ୍‌ମି ଓଡ଼ିଶାରେ ଗୋଟିଏ ଗ୍ରିନ୍ ଫିଲ୍‌ଡ ଆଇଆଇଟି ପ୍ରତିଷ୍ଠା କରାଯିବ ବୋଲି ସୂଚନା ଦେଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ଆନ୍ଧ୍ରପ୍ରଦେଶକୁ ସ୍ଥାନାନ୍ତରିତ କରାଯାଇଛି । ଓଡ଼ିଶାରେ ଚାଲିଥିବା ଶିଳ୍ପାୟନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମଧ୍ୟ କେନ୍ଦ୍ରକୁ ଆଇଆଇଟି ସ୍ଥାପନା ସଂପର୍କରେ ବାରମ୍ବାର ଅନୁରୋଧ କରିଥିଲେ । କେନ୍ଦ୍ର ସରକାର କାହିଁକି ନିଷ୍ପତ୍ତି ବଦଳାଇଲେ ତାହା ଜଣାପଡୁ ନାହିଁ ବୋଲି ଶ୍ରୀ ହରିଚନ୍ଦନ କହିଥିଲେ । ତେବେ ଏ ନେଇ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିବା ସେ ସୂଚନା ଦେଇଥିଲେ । ବିଜେପି ସଭ୍ୟ ମହେଶ ସାହୁ ଭୀଷଣ ଉତ୍‌କ୍ଷିପ୍ତ ହୋଇ କହିଥିଲେ, ଆଉ କେନ୍ଦ୍ର ଆଗରେ ହାତ ପତାଇବା ଦରକାର ନାହିଁ । କେନ୍ଦ୍ରକୁ ଆଇଆଇଟି ପ୍ରତିଷ୍ଠା ପାଇଁ ବାଧ୍ୟ କରାଯାଉ । ସରକାର ଅର୍ଥ ନୈତିକ ବାସନ୍ଦ କରୁ । ବିଜେପି ଜନ ଆନ୍ଦୋଳନ କରିବ । ଏଭଳି ପରିସ୍ଥିତି ସୃଷ୍ଟି କରାଯାଉ ଯେପରି ପ୍ରଧାନମନ୍ତ୍ରୀ ଆଇଆଇଟି ପ୍ରତିଷ୍ଠା କରିବାକୁ ବାଧ୍ୟ ହେବେ । ସଭ୍ୟଙ୍କ ବକ୍ତବ୍ୟ ଶୁଣି କଂଗ୍ରେସ ସଭ୍ୟମାନେ ଉତ୍ତେଜିତ ହୋଇ ପଡ଼ିଲେ । ଶିଳ୍ପ ମନ୍ତ୍ରୀ ଉତ୍ତର ଦେଉଥିବାବେଳେ ବିରୋଧୀ ଦଳ ମୁଖ୍ୟ ସଚେତକ ପଚାରିଥିଲେ, ଆପଣ କେନ୍ଦ୍ରକୁ ଏ ନେଇ କେତେ ଥର ପ୍ରସ୍ତାବ ଦେଇଥିଲେ ଏବଂ କେବେ? ମନ୍ତ୍ରୀ କହିଥିଲେ, ଇଏ ରାଜ୍ୟର ସ୍ୱାର୍ଥ କଥା । କେଉଁ ଦଳ ବିଷୟ ନୁହେଁ । ଥରେ ନୁହେଁ, ତିନିଟା ପ୍ରସ୍ତାବ ଯାଇଥିଲା ଆଇଆଇଟି ପ୍ରତିଷ୍ଠା ନେଇ । ଗ୍ରିନ୍ ଫିଲ୍‌ଡ ଆଇଆଇଟି, ଖଡ଼ଗପୁର ଆଇଆଇଟିର ଶାଖା ଖୋଲିବା ଏବଂ ବୁର୍ଲା ଇଂଜିନିୟରିଂ କଲେଜକୁ ଆଇଆଇଟି ମାନ୍ୟତା ଦେବା । କେନ୍ଦ୍ର ଗୋଟିଏ ବି ରଖିଲା ନାହିଁ । ଏହା ଦୂର୍ଭାଗ୍ୟଜନକ ଏବଂ ମୁଁ ଏହାକୁ ନିନ୍ଦା କରୁଛି ବୋଲି ସେ କହିଥିଲେ ।

ମୂଖ୍ୟଖବର















ବିତର୍କ/ମତାମତ ସଂଗ୍ରହ

**Poll ID 0 does not exist.**

**News letter**

**Newsletter Signup**

Name*

Email*

Subscribe

Unsubscribe

- ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ବଜେଟ୍ ଉପସ୍ଥାପନ କରୁଛନ୍ତି; ପୁରୀ ସାହିଜାତଃ ହରଚଣ୍ଡି ସାହି ଜାଗା ଆଖଡ଼ାର ପର୍ଶୁରାମଙ୍କର ବାଦିସାହି ବାଲି ସାହି ପରିକ୍ରମା
- କାମଚଳା ବଜେଟ୍‌ରେ ଋଣ ବୋଝ ଚିନ୍ତା
- ଇଣ୍ଡିଜ ପୁଣି ପରାସ୍ତ, ନ୍ୟୁଜିଲାଣ୍ଡ ବିଜୟୀ
- ଓବିସି କୋଟା ଉପରେ ସୁପ୍ରିମକୋର୍ଟ ରହିତାଦେଶ
- ଦୁର୍ନୀତି ଓ ଅବହେଳା ପାଇଁ ୬୨୮ କୋଟିର ରାଜସ୍ୱ ହାନି
- ଯୁବକକୁ ହତ୍ୟା, ଦଶରଥପୁରରେ ଉତ୍ତେଜନା
- ପ୍ରାଚୀ ଡିଭିଜନ ଡବଲ ମର୍ଡରଃ ଅନୀଲ ଛୋଟରାୟ ଗ୍ୟାଙ୍ଗ୍‌ର ୫ ଗିରଫ
- ‘ଅସ୍ତ୍ର’ର ସଫଳ ପରୀକ୍ଷଣ
- ଅମର୍ତ୍ତ୍ୟ ସେନ୍‌ଙ୍କୁ ୟୁନେସ୍କାପ ଲାଇଫ ଟାଇମ୍ ଆୱାର୍ଡ
- ଯୋଡା-ବଡ଼ବିଲ ଓଏମ୍‌ସି ଖଣି ଶୀଘ୍ର ଚାଲୁ କରିବାକୁ ନିରଞ୍ଜନଙ୍କ ଦାବି
- ସ୍କୁଲ ପାଠ୍ୟକ୍ରମରେ ଯୋଗ : ପ୍ରଥମ ଶ୍ରେଣୀ ପାଇଁ ଶବାସନ, ଦଶମ ପାଇଁ ଶୀର୍ଷାସନ
- ୫୪୨ କୃତୀ କ୍ରୀଡ଼ାବିତ୍‌ଙ୍କ ମଧ୍ୟରୁ ୩୮୬ ବେକାର
- ୧୧୦୪ ଅଙ୍ଗନବାଡ଼ି ସୁପରଭାଇଜର୍ ପଦବି ଖାଲି
- ବିଧାନସଭା ପ୍ରଶ୍ନକାଳ
- ମିଟର ବଦଳକୁ ବିଳମ୍ବିତ କରିବାକୁ ଟେଣ୍ଡର ବାହାନା
- ବିକଳାଙ୍ଗ ୧୦ ଲକ୍ଷ ଭତ୍ତା ପାଉଛନ୍ତି ଲକ୍ଷେ
- ସୁରକ୍ଷା ପାଚେରି ନିର୍ମାଣ ମାମଲାଃ ଏପ୍ରିଲ ୪ରେ ଓଡିଶା, ଆନ୍ଧ୍ରର ମିଳିତ ସର୍ଭେ
- ବଜେଟ୍ ମୁଖ୍ୟାଂଶ (କୋଟିରେ)
- ବଜେଟ୍ ପ୍ରତିକ୍ରିୟା
- ବିଧାନସଭାରେ ଆଇଆଇଟି ଉଦ୍‌ବେଗ
- ପରିଚାଳନାଗତ ତ୍ରୁଟି ଯୋଗୁଁ ୭୩ କୋଟି ବୁଡ଼ିଲା







**କଟାକ୍ଷ**



କା ନାଆଁ ପୂରେଇ କାହାର ନାଆଁକୁ

କିଏ ସେ ଉଡ଼େଇ ଦେଲା

ସରଗପୁରରୁ ମଲା ନୋକ ଆସି

ଭୋଓଟ ବାଡ଼େଇ ଗଲା.....

ଭଲା ଏ ତାଲିକା ହେଲା.....

ଜିଅନ୍ତା ଭୋଟର ଭୋଓଟ ନ ଦେଇ

ଜିଇ ଥାଉ ଥାଉ ମଲା......

Make your attractive website with domain name booking and web space only @ **INR 3995**/- * for further information contact in

*Powered by* EML in Association with Modulesoft
Copyright © 2006 orissasambad.com. This Site is Best Viewed by : Internet Explorer in 1024 * 768